## ଆରଡ଼ି ଫାଣ୍ଡିରେ ନୂଆ ଅଧିକାରୀ

ଆରଡ଼ି,(ଡି.ଏନ.ଏ.)-ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଆରଡ଼ି ଫାଣ୍ଡିରେ ନୂଆ ଅଧିକାରୀ ଭାବେ ସୁରେନ୍ଦ୍ର କୁମାର ମଲ୍ଲ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ବୈଦ୍ୟନାଥ ସୋରେନ ତାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଆରଡ଼ି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ଲୋକଙ୍କୁ ନ୍ୟାୟ ପ୍ରଦାନ ଲାଗି ସେ ପ୍ରଚେଷ୍ଟା ଜାରି ରଖିବେ ବୋଲି ନୂତନ ଫାଣ୍ଡି ଅଧିକାରୀ ମଲ୍ଲ କହିଛନ୍ତି।

# ସଂକ୍ଷେପରେ

## ୫ ସମବାୟ ସମିତି ସଭାପତି ନିର୍ବାଚିତ

ବାହାନଗା, ୭।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ବୁଧବାର ୬ତାରିଖରେ ୫ଟି ସେବା ସମବାୟ ସମିତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରୁ ଦୁଇଟି ସମିତିରେ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତେବେ ସାଉଡୁ ସମିତିରେ ପଞ୍ଚାନନ ଜେନା ଓ ଚିତ୍ତଳରେ ଅଜୟ ପଣ୍ଡା ନିର୍ଦ୍ୱନ୍ଦ୍ୱରେ ବିଜୟ ହୋଇଛନ୍ତି। ବରିପଦାରେ ଲାବଣ୍ୟବତୀ ଦାଶ, ଆଳଦା ସମବାୟ ସମିତିରେ ପ୍ରଦୀପ ମହାପାତ୍ର, କଲ୍ୟାଣିରେ ମହେଶ୍ୱତା ଦାସ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସଭାପତିମାନଙ୍କୁ ସୋର ବିଧାୟକ ପର୍ଶୁରାମ କୃତଜ୍ଞତା ଜଣାଇଛନ୍ତି।

## ସଭାପତି ଆସନ ପାଇଁ ନାମାଙ୍କନ ଦାଖଲ

ଭଣ୍ଡାରିପୋଖରୀ, ୭।୭ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଜଳମଣ୍ଡୁଆ ସେବା ସମବାୟ ସମିତି ସଭାପତି ଆସନ ପାଇଁ ଗୁରୁବାର ନାମାଙ୍କନ ପତ୍ର ଦାଖଲ ହୋଇଛି। ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ରତ୍ନାକର ପାତ୍ର ଓ ବିଜେଡି ସମର୍ଥିତ ସୁରେନ୍ଦ୍ର ନାଥ ପାଲ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୧୩ ତାରିଖରେ ନିର୍ବାଚନ ହେବ। ନାମାଙ୍କନ ପତ୍ର ଦାଖଲ ବେଳେ ଭାଜପା ନେତା ବଦ୍ରି ନାରାୟଣ ଧଳ, ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଉଳିଆ ହାଇସ୍କୁଲରେ ବନ ମହୋତ୍ସବ

ବଡସାହି,୭।୭- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୩ତମ ବନ ମହୋତ୍ସବ ଇକୋ କ୍ଲବ ଓ ବଡ଼ସାହି ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଣବ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଇକୋ କ୍ଲବର ସଂଯୋଜକ ସନ୍ତୋଷ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ସାହି ଫରେଷ୍ଟର ସୁନିଲ କୁମାର ମହାନ୍ତ, ବରୁଣ କୁମାର ଦଳେଇ ସଂଯୋଜକ ସିପୁନ ସେଠୀ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ବିଦ୍ୟାଳୟକୁ ମିଳିଥିବା ୨୫ଟି ଗଛ ଲଗାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହୃଷିକେଶ ଦେହୁରୀ, ଚିନ୍ମୟ ସୁଭ୍ରାଂଶୁ ସିଂ, ସରସ୍ୱତୀ ସିଂ, ରବୀନ୍ଦ୍ର ପ୍ରଧାନ, ଗୌରାଙ୍ଗ ଘୋଷ, ପ୍ରବୀର କିଶୋର ନାୟକ, ଉଗ୍ରସେନ ବେହେରା, ଚନ୍ଦ୍ରକାନ୍ତ ମହାନ୍ତ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

ବାରିପଦା ଅଫିସ,୭।୭- ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ମୟୂରଭଞ୍ଜ ଜିଲା ପ୍ରଶାସନର ମିଳିତ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଦୌଡ଼କୁଦ ଓ ଫୁଟବଲ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୌଡ଼କୁଦ ବିଭାଗରେ ୪୮ଜଣ ବାଳକ ଓ ୭ଜଣ ବାଳିକା କ୍ରୀଡ଼ା ପ୍ରତିଭା ଯୋଗ ଦେଇଥିଲେ। ସେହିପରି ଫୁଟବଲ୍ ନିମନ୍ତେ ୧୧୫ ବାଳକ ଓ ୫ଜଣ ବାଳିକା ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲାକ୍ରୀଡ଼ା ଅଧିକାରୀ, ଦୌଡ଼କୁଦ ପ୍ରଶିକ୍ଷକ ଏବଂ ୫ ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଚାରି ଥାକିଆ ହେବ କେନ୍ଦୁଝର-ଡୁବୁରୀ ରାସ୍ତା

**କେନ୍ଦୁଝର, ୭।୭(ସ୍ୱ.ପ୍ର.)**

**ଜମିଅଧିଗ୍ରହଣ କମିଟି ଗଠନ ହୋଇ ଅନୁମୋଦନ ପାଇଁ ଏନ୍ଏଚ୍ଆଇକୁ ପଠାଯାଇଛି**

କେନ୍ଦୁଝର (ନରଣପୁର)ରୁ ଡୁବୁରୀ ପର୍ଯ୍ୟନ୍ତ ରାସ୍ତା ଚାରି ଥାକିଆ ହେବ। ଏଥିପାଇଁ ଜମି ଅଧିଗ୍ରହଣ କମିଟି ଅନୁମୋଦନ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ନିକଟକୁ ସବିଶେଷ ରିପୋର୍ଟ ପଠାଯାଇଛି। ଏହି ରାସ୍ତା ହେଲେ ଦୁଇଟି ସ୍ଥାନରେ ଟୋଲ ପ୍ଲାଜା ପ୍ରତିଷ୍ଠା ହୋଇ ଟୋଲ ଆଦାୟ ହେବ ବୋଲି ଜଣାପଡିଛି। ନିକଟରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ (ଦିଶା)ରେ ଆଲୋଚନା ହୋଇଛି। ଏହି ରାସ୍ତା ନିର୍ମାଣ କେବେ ଆରମ୍ଭ ହେବ ଏବଂ କେତେ ଟଙ୍କା ଖର୍ଚ୍ଚ ହେବ ସୂଚନା ମିଳି ନ ଥିବା ବେଳେ ଏହି ରାସ୍ତା ନିର୍ମାଣ ହେଲେ ଯୋଡ଼ା, ବଡ଼ବିଲ, ଶୁଆକାଟି ଖଣି ଅଞ୍ଚଳରୁ ସିଧାସଳଖ ପାରାଦୀପ ବନ୍ଦରକୁ ଲୁହାପଥର ପରିବହନ ସୁରୁଖରେ ହୋଇପାରିବ ବୋଲି ମତପ୍ରକାଶ ପାଉଛି।

ଦୀର୍ଘ ପ୍ରାୟ ୮୮ କି.ମି.ରାସ୍ତା ଏନ୍ଏଚ୍ ୭୨୦ରେ ନାମିତ ହେବ। ଏହି ରାସ୍ତାରେ ଯାତାୟାତ ସୁବିଧା ପାଇଁ ୨ଟି ସ୍ଥାନରେ ଫ୍ଲାଇ ଓଭର ହେବା ସହ ୨ ଟି ସ୍ଥାନରେ ଗାଡି ଯାତାୟାତ ପାଇଁ ଅଣ୍ଡରପାସ ନିର୍ମାଣ ହେବ। ସେହିପରି ୨ଟି ସ୍ଥାନରେ ଗୋଟିଏ ପାର୍ଶ୍ୱରୁ ଅପରପାର୍ଶ୍ୱକୁ ହାଲୁକା ଯାନ ଚଳାଚଳ ପାଇଁ ଅଣ୍ଡରପାସ ଏବଂ ୧୮ ଟି ସ୍ଥାନରେ ଛୋଟ ଯାନ ଯାତାୟାତକୁ ମିଶାଇ ସମୁଦାୟ ୨୮ଟି ସ୍ଥାନରେ ଅଣ୍ଡରପାସ ନିର୍ମାଣ ହେବ। ସେହିପରି ଏହି ରାସ୍ତାରେ ୪ଟି ବଡ ପୋଲ, ୮ଟି ଛୋଟ ପୋଲ ନୂଆ ଭାବେ ନିର୍ମାଣ ହେବ। ସେହିପରି ୨ ଛୋଟ ପୋଲକୁ ପ୍ରଶସ୍ତିକରଣ କରାଯିବ। ଏହା ଛଡା ୧୪୫ ନୂଆ କଲଭର୍ଟ ନିର୍ମାଣ ହେବ। ଏହାଛଡ଼ା ୫ଟି କଲଭର୍ଟର ପ୍ରଶସ୍ତିକରଣ କରାଯିବ ବୋଲି ଏକ ରିପୋର୍ଟରୁ ଜଣାପଡିଛି ।

ଏହି ରାସ୍ତା ଏନ୍ଏଚ୍ ୨୦ (ପାଣିକୋଇଲି-ରିମୁଳି)ର ଶିରିଶପାଳ (ବାଇପାସ୍) ଗ୍ରାମରୁ ହରିଚନ୍ଦନପୁର, ବ୍ରାହ୍ମଣୀପାଳ ଦେଇ ଡୁବୁରି - ଚଣ୍ଡିଖୋଲ ରାସ୍ତାର କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ କାରଖାନା ସୀମା ପର୍ଯ୍ୟନ୍ତ ୮୮ କି.ମି.୨୦୦ ମିଟର ଦୀର୍ଘ ନିର୍ମାଣ ହେବ ବୋଲି ଜଣାପଡିଛି। ତେବେ କେନ୍ଦୁଝର ଜିଲାରେ ପୂର୍ବରୁ ଏନ୍ଏଚ୍ ୨୦, ଏନ୍ଏଚ୍ ୪୯ ଆଦି ନିର୍ମାଣରେ ବ୍ୟାପକ ଜଙ୍ଗଲ ନଷ୍ଟ ହୋଇଥିଲେ ହେଁ ଅଦ୍ୟାବଧି ସେସବୁର ଭରଣା ପାଇଁ ବନୀକରଣ ହୋଇ ନ ଥିବା ବେଳେ ଏହି ରାସ୍ତା ନିର୍ମାଣ ହେଲେ ବହୁ ଅଧିକ ଜଙ୍ଗଲ ନଷ୍ଟ ହେବାକୁ ଥିବାରୁ ପରିବେଶବିତ୍ମାନେ ଚିନ୍ତା ପ୍ରକଟ କରୁଛନ୍ତି। ଉକ୍ତ ରାସ୍ତା ପାଇଁ ବହୁ ପୁରୁଣା ବଡ଼ ବଡ଼ ମୂଲ୍ୟବାନ ଗଛ କଟିବା ଫଳରେ ଜିଲାରେ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଯାହାର ପରିଣାମ ଜିଲାବାସୀ ଭୋଗୁଛନ୍ତି। ସେହିପରି ସମଗ୍ର ରାସ୍ତାପାର୍ଶ୍ୱରେ ବନୀକରଣ କରାଯିବା ବ୍ୟବସ୍ଥା ଥିବାବେଳେ ହେଉ ନ ଥିବାରୁ ଅସନ୍ତୋଷ ବଢୁଛି ।

# ଶ୍ରୀଜୀଉଙ୍କ ବେଶ ଦର୍ଶନ ଲାଗି ଭିଡ଼


ହୟଗ୍ରୀବ ଓ ଭୈରବ ବେଶରେ ଶ୍ରୀ ଜୀଉ।

**ବାରିପଦା ଅଫିସ,୭।୭**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ଶ୍ରୀଜୀଉଙ୍କ ହୟଗ୍ରୀବ ଓ ଭୈରବ ବେଶ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ପ୍ରଭୁଙ୍କ ବେଶ ଦର୍ଶନ କରି ବିଭୋର ହୋଇ ପଡ଼ିଛନ୍ତି। ପ୍ରତିଦିନ ପରି ନୀତିକାନ୍ତି ଶେଷ ହେବା ପରେ ହଜାର ହଜାର ଭକ୍ତ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରଥଯାତ୍ରା ଦିନଠାରୁ ବଡଦାଣ୍ଡରେ ଭକ୍ତଙ୍କ ଗହଳି ଲାଗି ରହିଛି। ଦୋଳି, ମନୋହରୀ ଓ ଚଟପଟି ଖାଇବା ଦୋକାନରେ ବେଶ ଭିଡ ପରିଲକ୍ଷିତ ହେଉଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଲୁଟ, ପକେଟମାର ଓ ଛିନତାଇ ଭଳି ଅପରାଧିଙ୍କୁ ଠାବ କରିବା ପାଇଁ ପ୍ରବେଶ ପଥ ଗୁଡିକରେ ପୋଲିସ ମୃତୟନ କରାଯାଇ ଯାଞ୍ଚ କରାଯାଉଛି। ପୌର ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ।

# ବାଲେଶ୍ୱରରୁ ବମ୍ବେ, ସୁରଟ୍ ପର୍ଯ୍ୟନ୍ତ ରେଳ ଚଳାଚଳ ଦାବି

**ରେଳମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ଏମ୍ପି**

**ବାଲେଶ୍ୱର ଅଫିସ, ୭।୭**

ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲାରେ ରେଳ ଚଳାଚଳ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଆଲୋଚନା କରିବା ସହ ଲୋକଙ୍କ ସୁବିଧା ନିମନ୍ତେ ବାଲେଶ୍ୱରରୁ ମୁମ୍ବାଇ ଓ ସୁରଟ୍ ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ଦାବି କରିଛନ୍ତି। ଏନେଇ ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଶିଷ୍ଟ ବେଦାନ୍ତବିତ୍ ଆଚାର୍ଯ୍ୟ ଶ୍ରୀଲ ଶ୍ରୀଧର ସ୍ୱାମୀ ଓ ଶ୍ରୀଲ ବଳଦେବ ବିଦ୍ୟାଭୂଷଣଙ୍କ ନାମରେ ୨ଟି ସାପ୍ତାହିକ ରେଳ ବାଲେଶ୍ୱରରୁ ଚଳାଇବା, ସମସ୍ତ ଏକ୍ସପ୍ରେସ ଟ୍ରେନକୁ ଶୀଘ୍ର ଚଳାଇବା, ଜଳେଶ୍ୱର, ବସ୍ତା, ରୂପସା, ବାଲେଶ୍ୱର, ପଣପଣା ଓ ସୋରରେ ସମସ୍ତ ଏକ୍ସପ୍ରେସ ଟ୍ରେନ ଅଟକାଇବା, ରେଳଲାଇନ୍ ପାର୍ଶ୍ୱବର୍ତ୍ତୀ ରାସ୍ତାଗୁଡ଼ିକର ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଉନ୍ନତି ବିଧାନ, ବାଙ୍ଗିରିପୋଷି-ଭୁବନେଶ୍ୱର ରେଳଗାଡ଼ିକୁ ପୂର୍ବପରି ହଳଦୀପଦା ଷ୍ଟେଶନରେ ରଖିବା ବ୍ୟବସ୍ଥା, ଫାଷ୍ଟ ପାସେଞ୍ଜର୍ ଭୁବନେଶ୍ୱରରୁ ଫେରିଲା ବେଳକୁ ପଣପଣା, ନୀଳଗିରିରୋଡ ଏବଂ ନୂଆଗାଁ ଷ୍ଟେଶନରେ ରଖିବା ବ୍ୟବସ୍ଥା କରାଯିବା ପାଇଁ ଲିଖିତ ଜଣାଇଛନ୍ତି। ଏନେଇ ରେଳମନ୍ତ୍ରୀ ବୈଷ୍ଣବ ଦାବିଗୁଡିକ ଉପରେ ବିଚାର କରିବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବିଭାଗୀୟ ଅଧିକାରୀଙ୍କୁ ଡାକି ପ୍ରାଥମିକତା ଭିତ୍ତିରେ ମୁମ୍ବାଇ ଏବଂ ସୁରତ ଯାଉଥିବା କୌଣସି ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ କିପରି ଅଣାଯାଇପାରିବ ପରୀକ୍ଷା କରି ଦେଖିବାକୁ ନିର୍ଦ୍ଦେଶ ଦେଇଥିବା ଏମ୍ପି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।


ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ବାଲେଶ୍ୱର ଏମ୍ପି।

## ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ବୁଲିଲା ସଚେତନତା ରଥ

**ପାଟଣା, ୭।୭(ସ୍ୱ.ପ୍ର.)**

ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବୁଧବାର ଜନସଂଖ୍ୟା ନିୟନ୍ତ୍ରଣ ସକାଶେ ଏକ ସଚେତନତା ରଥ ବାହାରି ଲୋକଙ୍କୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ବ୍ଲକ ପରିକ୍ରମା କରିବ। ଏହି ରଥ ୭ ଦିନ ଧରି ପରିକ୍ରମା କରିବା ସହ ଲୋକମାନଙ୍କୁ ସଚେତନ କରାଇବ। ରଥକୁ ଆନୁଷ୍ଠାନିକ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା ଶୁଭେନ୍ଦୁ ସାଗର କୁମାର ନାୟକ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡ ଭାଗ୍ୟଶ୍ରୀ ପରିଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ଭାଗିରଥି ବେହେରା ଓ ରଞ୍ଜିତା ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ବେଆଇନ ବାଲି ବୋଝେଇ ଡମ୍ଫରରୁ ଜରିମାନା ଆଦାୟ

**ସୋର, ୭।୭(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ତହସିଲ ପକ୍ଷରୁ ଜାତୀୟ ରାଜପଥ ବରଫକଳ ଛକ ନିକଟରେ ଚଢାଉ କରାଯାଇ ବିନା କାଗଜପତ୍ରରେ ପରିବହନ କରୁଥିବା ୨ ବାଲି ବୋଝେଇ ଡମ୍ଫରରୁ ଜରିମାନା ଆଦାୟ କରାଯାଇଛି। ଏହି ଦୁଇଟି ଡମ୍ଫରରେ ଜିଲା ବାହାରୁ ବିନା ପରମିଟ୍‌ରେ ଓଭରଲୋଡିଂ କରି ବାଲି ପରିବହନ ହେଉଥିବା ବେଳେ ଗାଡିକୁ ତହସିଲ ପରିସରକୁ ଅଣାଯାଇ ଜରିମାନା କରାଯାଇଛି।

ପ୍ରକାଶଥାଉ କି, ଏବେ ବାଗୁଡିରେ ଥିବା କିଛି ପଥର ଖାଦାନରେ ବେଆଇନ ପଥର ଉତ୍ତୋଳନ ଓ ପରିବହନ ଉପରେ ସୋର ତହସିଲ ପକ୍ଷରୁ ୨୪ଘଣ୍ଟିଆ ଚଢ଼ାଉ ଜାରି ରହିଛି। ଫଳରେ ପଥର ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏହାସହ ରାଜପଥରେ ଜିଲା ବାହାରୁ ବେଆଇନ ଭାବେ ଓଭରଲୋଡିଂ ଉପରେ ଚଢ଼ାଉକୁ ଜୋରଦାର କରାଯାଇଛି। ଆଗାମୀ ଦିନରେ ବେଆଇନ ଭାବେ ପରିବହନ ହେଉଥିବା ପଥର, ପାହାଡ ମାଟି ଓ ବାଲି ଉପରେ ଚଢ଼ାଉକୁ ଜୋରଦାର କରାଯିବ ବୋଲି ତହସିଲଦାର ଡ. ଅଶୋକ କୁମାର ଦାସ କହିଛନ୍ତି। ଡ. ଦାସଙ୍କ ତତ୍ତ୍ୱାବଧାନରେ ହେଉଥିବା ଚଢାଉରେ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ, ପ୍ରବେଶନର ଅଶ୍ୱନୀ କୁମାର ପଣ୍ଡା, ଆର୍ଆଇ ଅଶ୍ୱିନୀ କୁମାର ସେଠୀ, ବିଷ୍ଣୁପଦ ଗିରି, ଶୁଭେନ୍ଦୁ ଭୂଷଣ ନାୟକ, ଅମିନ ସୁଧାଂଶୁ କୁମାର ପରିଡା ଓ ଗିରିଜା ଶଙ୍କର ଦାସ ପ୍ରମୁଖ ସାମିଲ ଥିଲେ।

# ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବେ ୧୨ କୃତୀ ଛାତ୍ରୀଛାତ୍ର

**ସିମୁଳିଆ, ୭।୭(ଡି.ଏନ.ଏ.)**

ପ୍ରାଥମିକ ବିଦ୍ୟାଳୟର ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (ଆର୍ଏଏ) ବୁଧବାର ସିମୁଳିଆ ବ୍ଲକର ବଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବ୍ଲକରେ ମୋଟ ୧୬ଟି କ୍ଲଷ୍ଟରରୁ ୪୮ଛାତ୍ରୀଛାତ୍ର ବିଜ୍ଞାନମେଳା, କୁଇଜ୍, ଗଣିତ ଓ ବିଜ୍ଞାନ ଅଲମ୍ପିଆଡ୍‌ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କୃତି ଛାତ୍ରୀଛାତ୍ରଙ୍କୁ ଦର୍ଶନୀୟ ସ୍ଥାନ ପରିଦର୍ଶନ କରାଯିବ ବୋଲି ସିଆର୍ସିସି ରତ୍ନାକର ବାରିକ ସୂଚନା ଦେଇଛନ୍ତି। ବିଜ୍ଞାନମେଳାରେ ସୌମ୍ୟସୌରଭ ପାଣିଗ୍ରାହୀ, କୁଇଜ୍‌ରେ ଭକ୍ତିକାନ୍ତ ପାଢ଼ୀ ଏବଂ ଗଣତି ଓ ବିଜ୍ଞାନ ଅଲମ୍ପିଆଡରେ ସାର୍ଥକ ଦାସ ପ୍ରଥମ ହୋଇଛନ୍ତି।

ଏହି ଅବସରରେ ପ୍ରଧାନଶିକ୍ଷକ ଦାଶରଥୀ ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହ-ଅନୁଶିକ୍ଷାଧିକାରୀ ଲମ୍ବୋଦର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମାର୍କୋଣା ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ ଓ ସିଆର୍ସିସି ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


ବିଜ୍ଞାନମେଳାକୁ ଛାତ୍ରୀଛାତ୍ର ପରିଦର୍ଶନ କରୁଛନ୍ତି।

## ସାଳନ୍ଦୀରେ ବୁଡ଼ି ଛାତ୍ର ମୃତ

**ଭଦ୍ରକ ଅଫିସ, ୭।୭**

ସାଳନ୍ଦୀ ନଦୀରେ ସାଙ୍ଗମାନଙ୍କ ସହ ଗାଧୋଇବା ବେଳେ ବୁଡ଼ିଯାଇ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ବାଇପାସ୍ ଅଞ୍ଚଳର ସୌମ୍ୟରଞ୍ଜନ ସେନାପତି। ସୂଚନା ଅନୁଯାୟୀ, ଭଦ୍ରକ କଲେଜର ଯୁକ୍ତ ୨ ଛାତ୍ରମାନେ ବୁଧବାର ସାଙ୍ଗହୋଇ ଗାଧୋଇବାକୁ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ନିକଟ ସାଳନ୍ଦୀକୁ ଯାଇଥିଲେ। ସେଠାରେ ୮ଜଣ ସାଙ୍ଗ ଗାଧୋଉଥିବା ବେଳେ ନଦୀର ସୀତାକୁଣ୍ଡରେ ଗୋଡ଼ ଖସିଯିବାରୁ ୫ଜଣ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ଛାତ୍ରମାନେ ଏହା ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ବୁଡ଼ିଯାଇଥିବା ଛାତ୍ରମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସୌମ୍ୟରଞ୍ଜନଙ୍କୁ ପାଇ ନ ଥିଲେ। ବହୁ ସମୟ ଧରି ଖୋଜାଖୋଜି ପରେ ତାଙ୍କୁ ପାଇଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଗ୍ରାମାଞ୍ଚଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୫୫/୨୨) ରୁଜୁ ହୋଇଛି।

# ବ୍ଲକ ଅଧକ୍ଷ ହେଲେ ବରଣ୍ଡୁଆ ସମିତି ସଭାପତି


ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ନିର୍ବାଚିତ ପ୍ରମାଣପତ୍ର ନେଉଛନ୍ତି।

**ବାସୁଦେବପୁର, ୭।୭(ଡି.ଏନ.ଏ.)**

**୩ ସମବାୟ ସମିତିରେ ସରିଲା ନିର୍ବାଚନ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୩ଟି ସେବା ସମବାୟ ସମିତିରେ ସଭାପତି ପଦ ପାଇଁ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବରଣ୍ଡୁଆ ସମିତି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୮ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ରଶ୍ମିତା ନାୟକଙ୍କୁ ୫ଖଣ୍ଡ ଭୋଟ ମିଳିଥିଲା। ୨ଖଣ୍ଡ ନାକଚ ହୋଇଥିଲା। ସେହିପରି ଇରମ ସମିତି ସଭାପତି ଭାବେ ନିରାକର ନାୟକ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୧୧ ଜଣ ବୋର୍ଡ ସଭ୍ୟ ଭୋଟ ଦେଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ମୁକୁନ୍ଦ ମଳିକଙ୍କୁ ୪ ଖଣ୍ଡ ଭୋଟ ମିଳିଥିଲା। ବଚ୍ଛଦା ସମିତି ସଭାପତି ଭାବେ ବଂଶୀଧର ନାୟକ ନିର୍ବାଚନ ଜିତିଛନ୍ତି। ବଂଶୀଧରଙ୍କ ସପକ୍ଷରେ ୮ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ୭ଖଣ୍ଡ ଭୋଟ ମିଳିଥିଲା।

# ଭଦ୍ରକ କଲେଜର ହୀରକ ଜୟନ୍ତୀ

**ଭଦ୍ରକ ଅଫିସ, ୭।୭**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପୁରାତନ ଛାତ୍ରସଂସଦ ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୌରପାଳିକା ଅଧକ୍ଷା ଗୁଲମକ୍ସୀ ହବିବ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଅଜୟ ନାୟକ, ସଭାପତି ଡ. ଦେବେନ୍ଦ୍ର ରାଉତ, ପୁରାତନ ଛାତ୍ର ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଡା. ଦୁର୍ଯ୍ୟୋଧନ ଦାସ, ଶିକ୍ଷାବିତ୍ ସୁରଜିତା ନାୟକ, ଭାଜପା ନେତା ମନମୋହନ ସାମଲ, ପ୍ରଦୀପ ନାୟକ, ଛାତ୍ରନେତା ତଥାଗତ ସାମଲ, ଅଧିବକ୍ତା ଦିବ୍ୟସିଂହ ନାୟକ, ଗିରିଧାରୀ ନାଥ, ଅଗଣି ଜେନା, ଗଦାଧର ବଳ, ପବନ ଶର୍ମା, ସ୍ୱାଧୀନ ସୁନ୍ଦର ଦାସ, ଶରତ ପଢିଆରୀ ପ୍ରମୁଖ ଯୋଗ ଦେଇଥିଲେ। କଲେଜ ପରିସରରେ ଥିବା ପ୍ରତିଷ୍ଠାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ନରେନ୍ଦ୍ର ଦାସ ଓ ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ କଲେଜ ପରିସରରେ ଚାରାରୋପଣ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସରକାର ତୁରନ୍ତ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ପୁରାତନ ଛାତ୍ର ସଂସଦ ସମ୍ପାଦକ ନାୟକ ଦାବି କରିଥିଲେ। କଲେଜ ଅଧକ୍ଷ ସୁବୋଧ ମିଶ୍ର ସଭା ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ରାକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଉତ୍ସବରେ ଅତିଥିଙ୍କ ସହ ପୁରାତନ ଛାତ୍ରମାନେ।

# ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣକୁ ନେଇ ଅସନ୍ତୋଷ

**ମୋରଡ଼ା,୭।୭(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଶୀର୍ଷାପାଳ ଛକ ହେଉଛି ଏକ ପ୍ରମୁଖ ସ୍ଥାନ। ଉକ୍ତ ଛକରୁ ଅମର୍ଦା, ବାରିପଦା, ଦାନ୍ତିଆମୁଁହା ଓ ରାଜଘାଟକୁ ଯିବା ପାଇଁ ରାସ୍ତା ଥିବାରୁ ଦୈନିକ ଶତାଧିକ ବସ୍ ଯାତ୍ରୀ ଏଠାରେ ଅପେକ୍ଷା କରିଥାନ୍ତି । ଏଠାରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଲାଗି ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ମାତ୍ର ଚିତ୍ରଡ଼ା ଫାଣ୍ଡି ନିକଟରେ ଏହା ନିର୍ମାଣ ହୋଇଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

୨୦୧୮-୨୦୧୯ ଆର୍ଥିକ ବର୍ଷରେ ତତ୍କାଳୀନ ଏମ୍ପି ରାମଚନ୍ଦ୍ର ହାଁସଦା ଶୀର୍ଷାପାଳ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ତାଙ୍କ ପାଣ୍ଠିରୁ ଅନୁଦାନ ଦେଇଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଅଧୀନରେ ଏକ ନିର୍ମାଣ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା। ତେବେ ଶୀର୍ଷାପାଳ ଛକରେ ପ୍ରତୀକ୍ଷାଳୟ ନିର୍ମାଣ ନ ହୋଇ ଚିତ୍ରଡ଼ା ଫାଣ୍ଡି ପାଖରେ ନିର୍ମାଣ ହେଲା। ଯେଉଁଠି କୌଣସି ଯାତ୍ରୀ ଅପେକ୍ଷା କରନ୍ତି ନାହିଁ ବସ୍ ମଧ୍ୟ ଅଟକେ ନାହିଁ। ତରବରିଆ ଭାବେ ରାତିରେ କାର୍ଯ୍ୟ ସରିଲା ପରେ ସୂଚନା ଫଳକ ଲଗାଇ ଦିଆଯାଇଛି। ଏହି ସୂଚନା ଫଳକରେ ଶୀର୍ଷାପାଳ ଛକ ବୋଲି ଉଲ୍ଲେଖ ରହିଛି। ଯାହାକି ନିୟମ ବର୍ହିଭୂତ କାର୍ଯ୍ୟ ବୋଲି ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ଦୀପ କୁମାର ପାତ୍ରଙ୍କୁ ପଚାରିବାରୁ କାର୍ଯ୍ୟ ବିଷୟରେ ଆଦୌ ଅବଗତ ନ ଥିଲି। କାର୍ଯ୍ୟ ସରିଲା ପରେ ଜାଣିବାକୁ ପାଇଲି ବୋଲି କହିଛନ୍ତି। ଯଦି ଶୀର୍ଷପାଳ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନ ହୁଏ ତେବେ ଆନ୍ଦୋଳନ ହେବ ବୋଲି ସମିତି ସଭ୍ୟ ତନୟ କୁମାର ଦାସ, ନାଏବ ସରପଞ୍ଚ ରାକେଶ ଦାସ, ପୂର୍ବତନ ସରପଞ୍ଚ ରାମାଇ ମାରାଣ୍ଡି, ଭଞ୍ଜସେନା ବ୍ଲକ ସଭାପତି ପରିତୋଷ ବାରିକ, ଅସିତ କୁମାର ବେହେରା ଓ ଜଗନ୍ନାଥ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।


ଚିତ୍ରଡ଼ାରେ ନିର୍ମାଣ ହୋଇଥିବା ଯାତ୍ରୀ ପ୍ରତୀକ୍ଷାଳୟ।

## ଯୋଗଦେଲେ ୨ ଆଇଆଇସି

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଥାନାର ନୂତନ ଆଇଆଇସି ଭାବେ ସାବିତ୍ରୀ ପଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଚୁଡ଼ାମଣି ସାମୁଦ୍ରିକ ଥାନାରେ କାର୍ଯ୍ୟରତ ଥିଲେ। ବାସୁଦେବପୁର ଅଞ୍ଚଳର ଆଇନଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ ବୋଲି ସେ ପ୍ରତିକ୍ରିୟା ରଖିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିପରି ଚୁଡ଼ାମଣି ସାମୁଦ୍ରିକ ଥାନାର ଆଇଆଇସି ଭାବେ ଶ୍ରୀବଲ୍ଲଭ ସାହୁ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଧାମନଗର ଥାନାର ଆଇଆଇସି ଥିଲେ।

## ସଂକ୍ଷେପରେ

### ବିଭିନ୍ନ ସମବାୟ ସମିତିରେ ସଭାପତି ନିର୍ବାଚନ



ପଦ୍ମପୁର, ୭।୭(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ସେବା ସମବାୟ ସମିତିରେ ଗୁରୁବାର ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନାୟକାଣିଡିହୀ ସମିତିରେ ୧୫ ଜୋନ୍‌ରୁ ୮ ସଭ୍ୟଙ୍କ ସମର୍ଥନରେ ବିଷ୍ଣୁ ସୁନ୍ଦର ସେଠୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବିରସ ସମିତିରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିରଞ୍ଜନ ଦାସ, ପଦ୍ମପୁର ସମିତିରେ ପ୍ରତାପ କୁମାର ନାୟକ ସଭାପତି ଓ ନମିତା ନାୟକ ଉପସଭାପତି, ଏଡ଼ତାଳ ସମିତିରେ ଭରତ କୁମାର ନାୟକ ଏବଂ ମାଟିପକା ସମିତିରେ ନିତ୍ୟାନନ୍ଦ ବାରିକ ସଭାପତି ହୋଇଛନ୍ତି। ବିଭିନ୍ନ ସମିତିର ସମ୍ପାଦକ ନରହରି ମାଝି, ରତିକାନ୍ତ ରାଉତ, ଧର୍ମନାରାୟଣ ଜେନା, ଅନିରୁଦ୍ଧ ନାୟକ ଓ ନିର୍ବାଚନ ପରିଚାଳନା ଅଧିକାରୀ ଉପସ୍ଥିତ ଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଙ୍ଗିରିପୋଷି,୭।୭(ଡି.ଏନ.ଏ.): ବାଙ୍ଗିରିପୋଷିସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟ ଅଧାପକ ରତିକାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷା ଡ.ପୁଷ୍ପା ପାତ୍ର, ମୁଖ୍ୟବକ୍ତା ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧାପକ ସତ୍ୟନାରାୟଣ ସାମଲ ଯୋଗଦେଇ ଛାତ୍ରୀଛାତ୍ର ଭବିଷ୍ୟତର ପ୍ରସ୍ତୁତି ନିମନ୍ତେ ବର୍ତ୍ତମାନର ଉପଲବ୍ଧ ଜ୍ଞାନ ଓ ଅନୁଭୂତିକୁ ସଫଳ ଭାବେ ପ୍ରୟୋଗ କରିବାକୁ ଉଦ୍‌ବୋଧନ ଦେଇଥିଲେ। ବିଦାୟୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ପରୀକ୍ଷା ନିମନ୍ତେ ବିଭାଗୀୟ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ସୁରେଖା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ସପନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଶିବୁ, ପ୍ରୀତମ,ସଞ୍ଜୟ ଏବଂ ଛାତ୍ରୀ ଗୌରୀ, ସସ୍ମିତା, ମିନାକ୍ଷୀ, ଲିପି, ତନୁଶ୍ରୀ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଖଡ଼ଗପୁରରୁ ବାଲେଶ୍ୱର ବାଇକ୍ ରାଲି

ରୂପସା, ୭।୭(ଡି.ଏନ.ଏ.)-ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରେଳ ସୁରକ୍ଷା ବଳ (ଆରପିଏଫ) ପକ୍ଷରୁ ଆଜାଦୀ କି ଅମୃତ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ଆରପିଏଫ୍ ଅଧିକାରୀ ଓ କର୍ମଚାରୀମାନେ ଗୁରୁବାର ଏକ ବାଇକ ଶୋଭାଯାତ୍ରାରେ ଖଡ଼ଗପୁର ଷ୍ଟେଶନରୁ ବାହାରି ଜଳେଶ୍ୱର, ଅମର୍ଦ୍ଦାରୋଡ୍, ବସ୍ତା, ରୂପସା ଷ୍ଟେଶନରେ ପହଞ୍ଚିଥିଲେ। ରୂପସା ଆରପିଏଫ୍ ଇନ୍‌ସପେକ୍ଟର ସମୀର କର୍ମକାର ଷ୍ଟେଶନରେ ସେମାନଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଏହି ରାଲି ବାଲେଶ୍ୱର ଷ୍ଟେଶନରେ ପହଞ୍ଚିଥିଲା। ପ୍ରତି ଷ୍ଟେଶନରେ ଶୋଭାଯାତ୍ରାରେ ସାମିଲ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାଗତ ପୂର୍ବକ ଆଜାଦି କି ଅମୃତ ମହୋତ୍ସବ ପାଳନ କରାଯାଇଥିଲା।

# ରାଇସ୍ ମିଲ୍ ସମ୍ମୁଖରେ ଚାଷୀଙ୍କ ହୋହଲ୍ଲା

## ଯୋଗାଣ ବିଭାଗ ଧାନ ବୋଝେଇ ଟ୍ରକ୍ ଜବତ କରିବାକୁ ବିରୋଧ

ପାଟଣା,୭।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଗାଣ ବିଭାଗ ଗୁରୁବାର ଘଟଗାଁ ବ୍ଲକ ଟିକିରା ନିକଟରୁ ଗୋଟିଏ ଧାନ ବୋଝେଇ ଟ୍ରକ ଓ ୨୨୦ ନମ୍ବର ରାଜପଥର ମଙ୍ଗଳପୁରରୁ ଅନ୍ୟ ଏକ ଧାନ ବୋଝେଇ ଟ୍ରକ୍‌କୁ ଜବତ କରି ପାଟଣା ବ୍ଲକ ଗୁଲୁଦିପଶି ସ୍ଥିତ ବୈତରଣୀ ରାଇସ ମିଲରେ ରଖିଛି। ଏହି ଧାନୁ ପଶ୍ଚିମବଙ୍ଗର କେତେକ ବ୍ୟବସାୟୀ ଖୋଲା ବଜାରରୁ କିଣିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ସରକାରଙ୍କ ମଣ୍ଡି ଏବେ ବନ୍ଦ ଥିବାରୁ ଯୋଗାଣ ବିଭାଗ ଧାନ କିଣୁନି। ଏଣୁ ଚାଷୀମାନେ ଖରିଫ୍ ଚାଷର ରୁଆ ପୋଡା ଖର୍ଚ୍ଚ ଉଠାଇବା ଓ ଘରର ଆନୁଷଙ୍ଗିକ ଖର୍ଚ୍ଚ ତୁଲାଇବା ପାଇଁ ବାଧ ହୋଇ ବେପାରୀମାନଙ୍କୁ ଧାନ ବିକ୍ରି କରୁଛନ୍ତି। ତେବେ ଧାନ ଟ୍ରକ ଜବତ ହେବା ପରେ ଚାଷୀମାନେ ମିଲ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ସରକାର ନିଜେ ଧାନ କିଣୁ ନାହାନ୍ତି ଅନ୍ୟପକ୍ଷରେ ବେପାରୀଙ୍କୁ ଧାନ ବିକ୍ରି କରାଇ ଦେଉନାହାନ୍ତି। ଏଭଳି ପରିସ୍ଥିତିରେ ଆମ ଧାନ କିଏ ନେବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଏହା ସରକାରଙ୍କ ଚାଷୀ ମାରଣ ନୀତି ବୋଲି ସେମାନେ କହିଛନ୍ତି। ଦୁଇ ଟ୍ରକ୍‌ରୁ ଆନୁମାନିକ ୫ଶହ କୁଇଣ୍ଟାଲ ଧାନକୁ ଯୋଗାଣ ବିଭାଗ ଜବତ କରିଛି। ଏହି ଚଢ଼ାଉରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ସବ୍ୟସାଚୀ ବସ୍ତିଆ, ବୀରକିଶୋର ମାରାଣ୍ଡି, ସଦର ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ, ପାଟଣାର ବିଦ୍ୟୁତ୍‌ଲତା ନାୟକ, ଘଟଗାଁର ବାଜିନାଥ ମାହାଲୀ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ଜିଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡା କହିଛନ୍ତି, ଧାନ ଜବତ ହୋଇଛି। ଏହା କେଉଁମାନଙ୍କଠାରୁ କ୍ରୟ ହୋଇଛି ତାହାର ତଦନ୍ତ କରାଯିବ। ଧାନ କ୍ରୟର ଭାଲିଡ୍ ଡକ୍ୟୁମେଣ୍ଟ ଯାଞ୍ଚ କରାଯିବାସହ ଜିଲାପାଳଙ୍କୁ ଅବଗତ ପରେ ନିଷ୍ପତ୍ତି ନିଆଯିବ।

# ବାଲ୍ୟବିବାହ, ଶିଶୁ ଅପରାଧ ରୋକିବା ନେଇ ସଚେତନତା



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ଗଡ଼ିଲା ଭ୍ରାମ୍ୟମାଣ ରଥ

ଭଦ୍ରକ ଅଫିସ,୭।୭

ଭଦ୍ରକ ଜିଲାରେ ବାଲ୍ୟବିବାହ ଓ ଶିଶୁ ଅପରାଧ ରୋକିବା ନେଇ ସଚେତନ କରିବ ଭ୍ରାମ୍ୟମାଣ ରଥ। ଗୁରୁବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଏବଂ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ବାଲ୍ୟବିବାହକୁ ନା ସ୍କୁଲ ଯିବାକୁ ହଁ କହିବା, ବାଲ୍ୟବିବାହ ଏକ ଅପରାଧ, ବାଲ୍ୟବିବାହ ବନ୍ଦ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ଆଦି ବାର୍ତ୍ତା ବହନ କରୁଥିବା ଏହି ସଚେତନତା ରଥ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ବେଳେ ସମସ୍ତ ବ୍ଲକ ପରିକ୍ରମା କରିବ। ୧୮ ବର୍ଷ ପୂର୍ବରୁ ଝିଅ ଓ ୨୧ ବର୍ଷ ପୂର୍ବରୁ ପୁଅଙ୍କ ବିବାହ କରାଯାଇ ପାରିବ ନାହିଁ। କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା, ଲିଙ୍ଗ ନିରୂପଣ, ଘରୋଇ ହିଂସା ଆଦି ଘଟଣା ସମୟରେ ଚୁପ୍ ନ ରହିବା ନେଇ ମଧ ସଚେତନ କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅସୀମ ଅମିତାଭ ଦାସ ପ୍ରମୁଖଙ୍କ ସହ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବଡ଼ସାହି ଲାମ୍ପସ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ବଡସାହି,୭।୭

ମୟୂରଭଞ୍ଜ ଜିଲା ବଡ଼ସାହି ଆଦିବାସୀ ବହୁମୁଖୀ ସମବାୟ ସମିତିର ସଭାପତି ଭାବେ ଲକ୍ଷ୍ମୀ ସିଂ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏମ୍‌ଡି ରାଜକିଶୋର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶାଖା ପରିଚାଳକ ଭଗବାନ ସାମନ୍ତରାୟ, କାର୍ତ୍ତିକ ପରିଡ଼ା, ୧୪ଜଣ ନିର୍ଦ୍ଦେଶକଙ୍କ ସମେତ ଲାମ୍ପସ କର୍ମଚାରୀ ଓ ବିଜୁ ଜନତା ଦଳର ବରିଷ୍ଠ ନେତୃବୃନ୍ଦ ଏବଂ କର୍ମୀ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷା ମୀନତି ସିଂ, ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ, ୨୩ନଂ. ଜୋନ ଜିଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ୨୪ନଂ. ଜୋନ ଜିଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ, ବ୍ଲକ ଫେଡେରେସନ୍ ସଭାପତି ପୂର୍ଣ୍ଣିମା ମିଶ୍ର, ବରିଷ୍ଠ ସମବାୟବିତ ଚନ୍ଦ୍ରଶେଖର ବଳ, ବିଜେଡି ନେତା ପ୍ରକାଶ ଦାସ, ତାରିଣୀ କଅଁରବାବୁ, ସ୍ମୃତିରଞ୍ଜନ ମଲ୍ଲିକ, ମନ୍ମଥ ସାମନ୍ତରାୟ, ଲକ୍ଷ୍ମୀଧର ସିଂ, ଗୋପାଳ ମହାନ୍ତି, ରଣଜିତ ପାତ୍ର, ଭାଗବତ ଦଣ୍ଡପାଟ, ଅନ୍ତ ପସା, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ନୂତନ ସଭାପତି ସିଂଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ୧୨ ତାରିଖରେ ଉପ ସଭାପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ହେବ ବୋଲି ଲାମ୍ପସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ଶ୍ରୀଗୁଣ୍ଡିଚା ମନ୍ଦିରରେ ବଳଦେବଜୀଉଙ୍କ ନୃସିଂହ ବାମନ ବେଶ।

# 'ଗଛ ବଞ୍ଚିଲେ ଜୀବନ ବଞ୍ଚିବ'

## ସରଗଡ଼ା ହାଇସ୍କୁଲରେ ବନ ମହୋତ୍ସବ

ବିଶୋଇ,୭।୭(ଡି.ଏନ.ଏ)

ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡ଼ା ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ସରଗଡ଼ା ସରପଞ୍ଚ ଶକୁନ୍ତଳା ମାଝି ଯୋଗଦେଇ ଚାରାରୋପଣର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସେହିପରି ପରିବେଶବିତ ଲଳିତ ମହାନ୍ତ ମୁଖ୍ୟବ୍ୟକ୍ତା ଭାବେ ଯୋଗଦେଇ ଗଛ ବଞ୍ଚିଲେ ଜୀବନ ବଞ୍ଚିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସମ୍ମାନୀୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ସଦସ୍ୟ ରବୀନ୍ଦ୍ର ନାଥ ମୁଣ୍ଡା, ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀଧର ମଣ୍ଡଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନ ପାତ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଈଶ୍ୱର ଚନ୍ଦ୍ର ମହାନ୍ତ, ସମାଜସେବୀ ବିଶ୍ୱରଞ୍ଜନ ପ୍ରହରାଜ ପ୍ରମୁଖ ଯୋଗଦେଇ ବୃକ୍ଷର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ପରେ ଉପସ୍ଥିତ ଅତିଥିଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ୨୦୦ ଚାରାରୋପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଚାରାରୋପଣ ଲାଗି ଶପଥ ଗ୍ରହଣ କରିଥିଲେ।

# ପ୍ରଥମ ଦିନରେ ୩ହଜାର ଚାରା ବଣ୍ଟନ

## ବୃକ୍ଷଗଙ୍ଗା ଅଭିଯାନ ଆରମ୍ଭ

କେନ୍ଦୁଝର, ୭।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଜଂଘିରା ଗ୍ରାମରେ ଓଡିଶା ଗାୟତ୍ରୀ ପରିବାର, କେନ୍ଦୁଝର ପକ୍ଷରୁ ବୃକ୍ଷ ଗଙ୍ଗା ଅଭିଯାନର ଶୁଭାରମ୍ଭ ହୋଇଛି। ପରିବେଶବିତ ତଥା ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଏକ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଏଫଓ ଏଚ୍‌ଡି ଧନରାଜ, ଅବସରପ୍ରାପ୍ତ ପ୍ରାଧାପକ ବନ ବିହାରୀ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ଅଗସ୍ତି, ମହାପାଟ ମହାବିଦ୍ୟାଳୟର ଅଧକ୍ଷ ବ୍ରହ୍ମାନନ୍ଦ ନାୟକ, ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତଙ୍କ ସମେତ ବହୁ ଅତିଥି ସାମିଲ ହୋଇ ପରିବେଶର ସୁରକ୍ଷା ପାଇଁ ଚାରା ରୋପଣର ଉପାଦେୟତା ବିଷୟରେ କହିଥିଲେ। ଚଳିତ ବର୍ଷ ଦେଢ଼ ଲକ୍ଷ ଚାରା ବଣ୍ଟନର ଶୁଭାରମ୍ଭ କରାଯାଇ ପ୍ରଥମ ଦିନରେ ୩ ହଜାର ଚାରା ବଣ୍ଟନ କରାଯାଇଛି। ଏହି ଅବସରରେ ୭ ଅନୁଷ୍ଠାନ ଓ ୨୩ ଜଣ ବ୍ୟକ୍ତିଙ୍କୁ ପୂର୍ବ ବର୍ଷ ନେଇଥିବା ଚାରାର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୧୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଚଳିତ ବର୍ଷ ଗାୟତ୍ରୀ ପରିବାର ପକ୍ଷରୁ ୧୦୦ ଗ୍ରାମରେ ପ୍ରତ୍ୟେକ ଘରେ ଅନ୍ୟୂନ୍ୟ ଗୋଟିଏ ଚାରା ଲଗାଇବା ପାଇଁ ସଂକଳ୍ପ ନିଆଯାଇଥିବାବେଳେ ୭ଜଣ ସ୍ୱେଚ୍ଛାସେବୀ ନିଜ ଉଦ୍ୟମରେ କେତେକ ଗ୍ରାମରେ ଚାରା ରୋପଣ କାର୍ଯ୍ୟକୁ ଆଗେଇନେବେ ବୋଲି ସଂକଳ୍ପ ନେଇଥିଲେ।

# ଇଦ୍-ଉଲ୍-ଜୁହା ଉପଲକ୍ଷେ ଶାନ୍ତି କମିଟି ବୈଠକ

ଧାମନଗର, ୭।୭(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ତିନିଦିନ ଧରି ଇଦ୍-ଉଲ୍-ଜୁହା ପର୍ବ ପାଳନ ଉପଲକ୍ଷେ ଏକ ଶାନ୍ତି କମିଟି ବୈଠକ ପଞ୍ଚାୟତ ସମିତି ସଭା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ଆବାହକ ତଥା ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଏନ୍‌ଏସି ଅଧକ୍ଷା ନିବେଦିତା ଜେନା, ପଞ୍ଚାୟତ ସମିତି ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଆଇଆଇସି ବନମାଳୀ ବାରିକ, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ, ଏମ୍.ଡି. ଇସ୍ରାଇଲ, ଗୋଲାମ ଜିଲାନି ହବିବ, ଏମ୍ ଡି ହବିବୁର ରହେମାନ, ସେକ୍ ଜାଫର ଅଲ୍ଲୀ, ପ୍ରତାପ ସାମଲ, ରଞ୍ଜିତ ମହାନ୍ତି, ସେକ୍ ତାଜୁଦ୍ଦିନ, ଚୁଡ଼ାକୁଟି ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଳ ପ୍ରମୁଖ ଭାଇଚାରା ମଧ୍ୟରେ ପର୍ବ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଶାନ୍ତି କମିଟି ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ଇଦ୍-ଉଲ୍-ଜୁହା ପାଳନ ନେଇ ଆଲୋଚନା କରାଯାଉଛି।

# ୪ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

## ମାଟ୍ରିକ ପରୀକ୍ଷା

ବାରିପଦା ଅଫିସ,୭।୭

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳକୁ ନେଇ ବେସରକାରୀ ସ୍କୁଲ ଗୁଡିକ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ବାରିପଦା ସହରାଞ୍ଚଳରେ ଥିବା ପିସିସି ଶିକ୍ଷାନୁଷ୍ଠାନ ଶତପ୍ରତିଶତ ସଫଳତା ହାସଲ କରିଛି। ୨୦ଜଣ ଛାତ୍ରୀଛାତ୍ର ଉତ୍ତମ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗର୍ବ ଗୌରବ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରେ ଏ-ୱାନରେ ୨ଜଣ, ଏ-ଟୁରେ ୫ଜଣ ଓ ବି-ୱାନରେ ୨ଜଣ ରହିଛନ୍ତି । ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଭଞ୍ଜନ ରାଉତ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ତୁଳସୀଚଉରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩୫ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ଆଣିଛନ୍ତି। ସେମାନଙ୍କ ମଧ୍ୟରେ ଏ-ୱାନରେ ୧୪, ଏ-ଟୁରେ ୬୦, ବି-ୱାନରେ ୪୦, ବି-ଟୁରେ ୧୮, ସି ଗ୍ରେଡରେ ୨ ଓ ଡି ଗ୍ରେଡ୍‌ରେ ଜଣେ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି । ଫାଲଗୁନୀ ସାହୁ ସର୍ବୋଚ୍ଚ ୫୮୮ନଂ. ରଖିଥିବା ବେଳେ ସମସ୍ତ ବିଦ୍ୟାର୍ଥୀଙ୍କୁ ସ୍କୁଲ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଜିଲାରେ ଥିବା ବଡ଼ସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ସ୍କୁଲ ପାଇଁ ଗର୍ବ ଗୌରବ ଆଣିଛନ୍ତି। ଏ-ଟୁରେ ୫ଜଣ ଓ ବି-ୱାନରେ ୨ଜଣ ଛାତ୍ରୀଛାତ୍ର ସଫଳତା ଆଣିଛନ୍ତି । ପ୍ରଧାନ ଆଚାର୍ଯ୍ୟ ଶାଶ୍ୱତୀ ଦାସମହାପାତ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ଉଚ୍ଚ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ଏମ୍‌କେସି ହାଇସ୍କୁଲର ୨୭୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-ୱାନରେ ୬, ଏ-ଟୁରେ ୨୭, ବି-ୱାନରେ ୬୧, ବି-ଟୁରେ ୮୫, ସି ଗ୍ରେଡ୍‌ରେ ୬୧, ଡି ଗ୍ରେଡରେ ୨୨ ଓ ଇ ଗ୍ରେଡରେ ୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ନୂତନ ମନ୍ତ୍ରୀ, ନିର୍ବାଚିତ ନେତାଙ୍କୁ ସମ୍ବର୍ଦ୍ଧନା

## ବିଜୁ ଯୁବ ଜନତା ଦଳର ଦ୍ୱିତୀୟ କାର୍ଯ୍ୟକାରିଣୀ

ବାଲେଶ୍ୱର ଅଫିସ, ୭।୭

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲା ବିଜୁ ଯୁବ ଜନତା ଦଳର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ଜନତା ଦଳର ସଭାପତି ତାପସ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ବିଜୁ ଯୁବ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ।

ବୈଠକକୁ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ସୋର ବିଧାୟକ ପର୍ଶୁରାମ ଧଡ଼ା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଉପାଧକ୍ଷା ଅନୁସୟା ପ୍ରଧାନ, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୂର୍ବତନ ବାଲେଶ୍ୱର ପୌରପରିଷଦ ଅଧକ୍ଷ ଆଲୋକ ସାହୁ, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ରେମୁଣା ଏନ୍‌ଏସି ଅଧକ୍ଷା ତନୁଜା ଗିରି, ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ଉପାଧକ୍ଷ ଚୈତନ୍ୟ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୋଗରାଇ ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଉପାଧକ୍ଷା ମୀନାରାଣୀ ସାସମଲ, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଉପାଧକ୍ଷା ସଞ୍ଜିତା ସେନାପତି, ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ, ଉପାଧକ୍ଷ ଦିଲୀପ ଦାସ ମହାପାତ୍ର, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ଉପାଧକ୍ଷା ଜ୍ୟୋତିର୍ମୟ ପୋଥାଳ, ନୀଳଗିରି ଏନ୍‌ଏସି ଅଧକ୍ଷା ଅମ୍ବିକା ଦାଶ, ଉପାଧକ୍ଷା ମହେନ୍ଦ୍ରନାଥ ବେହେରା, ସୋର ଏନ୍‌ଏସି ଅଧକ୍ଷା ଅନୁସୂୟା ମଲ୍ଲିକ, ଉପାଧକ୍ଷା ଭ୍ରମରବର ନାୟକ, ବାହାନଗା ବ୍ଲକ ଅଧକ୍ଷ ବିଶ୍ୱନାଥ ମିଶ୍ର, ଉପାଧକ୍ଷା ବାସନ୍ତୀ ପତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଜେଡି ନେତା।

# ଲାୟନ୍ସ କ୍ଲବ ପକ୍ଷରୁ ଚାରାରୋପଣ

ବାଲିଆପାଳ, ୭।୭(ସ୍ୱ.ପ୍ର.)

ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ଜୁଲାଇ ୧ରୁ ୭ ତାରିଖ ଯାଏ ପାଳିତ ହେଉଥିବା ସପ୍ତାହବ୍ୟାପୀ ବନ ମହୋତ୍ସବ ଅବସରରେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ସଭାପତି ଅଜୟ କୁମାର ସାହୁ, ଜୋନାଲ ଚେୟାର ପର୍ଶନ ନବୀନ କୁମାର ପାତ୍ର, ପୂର୍ବତନ ସଭାପତି ଝାଡ଼େଶ୍ୱର ପ୍ରଧାନ, କୋଷାଧକ୍ଷ ଭୁବନମୋହନ ପିଳା, ପୂର୍ବତନ ସଭାପତି ଇଂ. ଦାମୋଦର ଗିରି, କ୍ୟାବିନେଟ ମେମ୍ବର ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ସଦସ୍ୟ ଅନାଦି ଚରଣ ଗିରି, ଖବରଦାତା ଦିଲୀପ କୁମାର ଦାସ ଓ ଡା. ହରେକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ପ୍ରତିଟି ବ୍ୟକ୍ତି ଅତିକମ୍‌ରେ ଗୋଟିଏ ଲେଖାଏଁ ଗଛ ଲଗାଇବା ଉଚିତ୍ ବୋଲି ଲୋକଙ୍କୁ ବାର୍ତ୍ତା ଦେଇଥିଲେ। ଆଗାମୀ ଦିନରେ ଆହୁରି ଅଧିକ ଭାବେ ଚାରାରୋପଣକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି ଲାୟନ୍ସ କ୍ଲବର ସଦସ୍ୟମାନେ କହିଥିଲେ।

# ନିଷ୍କାସନ ହୋଇପାରୁନି ବର୍ଷାପାଣି

- ଦୋବଲ ବଜାର ରାସ୍ତା
- ଡ୍ରେନେଜ ବ୍ୟବସ୍ଥା ନାହିଁ

ଧାମନଗର, ୭।୭ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ବଜାରରେ ଦିନକୁ ଦିନ ଟ୍ରାଫିକ ଓ ଡ୍ରେନେଜ ସମସ୍ୟା ଗୁରୁତର ହେବାରେ ଲାଗିଛି। ଦୋବଲ ବସ୍‌ଷ୍ଟାଣ୍ଡଠାରୁ କାଳୀବଜାର ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଗାଡ଼ି ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଜଣେ ଚାଲି ଚାଲି ଯିବା ମଧ କଷ୍ଟକର ହୋଇପଡୁଛି। ଅନ୍ୟପଟେ ସେହି ସ୍ଥାନରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଫଳରେ ପଥଚାରୀଠାରୁ ଆରମ୍ଭ କରି ସାଇକେଲ ଆରୋହୀ ଓ ହାଲୁକା ଯାନ ଯାତାୟାତରେ ସମସ୍ୟା ଉପୁଜୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ଥିବାରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। କେତେକ ଦୋକାନୀ ଜବରଦଖଲ କରି ଆଗକୁ ମାଡ଼ି ଆସିଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ଫଳରେ ବର୍ଷାଦିନେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଧାମନଗର-ଦୋବଲ ରାସ୍ତାର ଧାମନଗର କଲେଜଠାରୁ ଦୋବଲ ବଜାର ଗେଙ୍ଗୁଟି ନଦୀବନ୍ଧ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ କେତେଜଣ ବ୍ୟକ୍ତି ଜବରଦଖଲ କରି ଦୋକାନ ଗୃହ ସହ ସ୍ଥାୟୀ ପକ୍କାଘର କରୁଥିବାରୁ ରାସ୍ତା ସଂକୁଚିତ ହେବାରେ ଲାଗିଛି। ସମ୍ପ୍ରସାରଣ ହୋଇ ନ ପାରିବା ସାଙ୍ଗକୁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ବର୍ଷାପାଣି ଜମିବା ସହ କେତେକ ଦୋକାନ ଓ ଘରେ ମଧ ପଶୁଛି। ସେହିପରି ରାସ୍ତା ସଂକୀର୍ଣ୍ଣକୁ ଦୋକାନୀମାନେ ଦୋକାନ ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ବଡ଼ ଟ୍ରକ୍ ଓ ପିକ୍‌ଅପ୍ ଗାଡ଼ିକୁ ଠିଆ କରି ରଖୁଥିବା ଯୋଗୁ ରାସ୍ତା ଜାମ୍ ରହୁଛି। ପ୍ରଶାସନ ପକ୍ଷରୁ ଦୋବଲ ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯିବା ସହ ଜବରଦଖଲ ହଟାଇବାକୁ ସାଧାରଣରେ ଦାବି ହେଉଛି।


ଦୋବଲ ବଜାର ରାସ୍ତାରେ ପାଣି ଜମିଛି।

